# କମ୍ପ୍ୟୁଟରରେ ଓଡିଆ ଭାଷାର ସ୍ଥିତି ଓ ଭବିଷ୍ୟତ ପଦକ୍ଷେପ

*ଶୁଭାଶିଷ ପାଣିଗ୍ରାହୀ*

**ଓଡିଆ : କାଲି ଓ ଆଜି**

କମ୍ପୁଟରରେ ଓଡିଆ ଭାଷାର ବ୍ୟବହାର ଆରମ୍ଭ ହେବାର ଦଶନ୍ଧିଟିଏ ବିତିଯାଇଛି । ଏ ଦଶନ୍ଧିର ଶେଷ ଆଡକୁ ଏହି ବର୍ଷ ଫେବୃଆରି ୨୦ ତାରିଖରେ ଉଲ୍ଲେଖନୀୟ ଘଟଣାଟିଏ ଘଟିଲା – ଓଡିଆ ଭାଷା ଷଷ୍ଠ ଭାରତୀୟ ଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଲା । ସାଧାରଣ ମଣିଷର ମାନସିକତା ଦୋହଲେ ଅଦିନିଆ ଝଡ କିମ୍ବା ନଈ କୂଳ ଲଘିଂଲେ । ଏ ଶାସ୍ତ୍ରୀୟ ମାନ୍ୟତା ପାଇବା ଥିଲା ସେମିତି ମନ-ଦୋହଲେଇବା ଭଳି ଘଟଣାଟିଏ । ଓଡିଆ ମାଧ୍ୟମରେ ପଢୁଥିବା ପିଲାଙ୍କ ମନରେ ଅଧିକ ଚାକିରି ପାଇବାର ନୂଆ ନୂଆ ଆଶାଟିଏ ଗଜୁରିଲା । ଘରୁ ଫେରିଥିବା ପ୍ରବାସୀ ଓଡିଆ ଦୋକାନୀଟିଏ ବେଙ୍ଗାଲୁରୁ ସହରରେ ଥିବା ତା’ ଜଳଖିଆ ଦୋକାନ ଆଗରେ ଓଡିଆରେ ନାମଫଳକଟିଏ ଲଗାଇଲା । ନିର୍ବାଚନରେ ବୋଧେ ପ୍ରଥମଥର ରାଜନୈତିକ ଦଳଟିଏ ଓଡିଆ ବିଶ୍ୱବିଦ୍ୟାଳୟର ଯୋଜନା ନିର୍ବାଚନ ଇସ୍ତାହାରରେ ସାମିଲ କଲା । ଫେସବୁକରେ, ଓ୍ୱେବସାଇଟରେ ଅନେକ ଓଡିଆ ଏ ଆନନ୍ଦର ଉତ୍ସବ ପାଳନ କଲେ । ତେବେ ଏ ସବୁରି ଆମୋଦ ଭିତରେ ବେଳ ଆସିଛି ଆମ ଏ ଶାସ୍ତ୍ରୀୟ ଓଡିଆକୁ ଆଧୁନିକ ଜ୍ଞାନକୌଶଳର ତରାଜୁରେ ତଉଲିବା । ଆମ ଭାଷା ଗୋଟେ ପୁରାତନ ଭାଷା, ଆଉ ତା’ର ମାନେ ନୁହେଁ ଯେ ସେ କେବଳ ହାତୀଗୁମ୍ଫାର କାନ୍ଥରେ କିବା ଗୁଡହାଣ୍ଡିରେ ଲୁଚିରହିବ ଶିଉଳି ଗହଣରେ । ଭାଷାର ଅତୀତ ଯେତେ ପରିପୁଟ, ତାର ଅଧୁନା ବ୍ୟବହାରୀଙ୍କ ଉପରେ ନିର୍ଭର କରେ । ସେ କେଉଁ ଦିଗରେ ମୁହାଁଇବ-କେବଳ ପୁରାତନ ଭାଷାର ମାନ୍ୟତା ପାଇ ଜେଜେ ହୋଇ କଣ ଘରେ ବସିରହି ଦିନ ଗଣିବ, ନାଁ ଆଧୁନିକ କୌଶଳକୁ ଆପଣେଇ ଆହୁରି ଅଧିକ ବ୍ୟବହାରରେ ଲାଗିବ । ଏକ ଭାଷାପାଇଁ ସବୁଠାରୁ ବଡ ସଂପତ୍ତିଟି ହେଉଛି ତାକୁ ଦୈନନ୍ଦିନ ବ୍ୟବହାର କରୁଥିବା ଲୋକେ, ବିଶେଷ କରି ତାକୁ ପଠନ ଓ ଲିଖନରେ ବ୍ୟବହାର କରୁଥିବା ଲୋକେ । ଏ ମୋବାଇଲ, କମ୍ପୁଟର ଓ ଇଣ୍ଟରନେଟର ଯୁଗରେ ଆମ ଭାଷା ଯଦି ଇଂରାଜୀ ସହ ତାଳ ମିଳାଇ ଚାଲି ନ ପାରୁଛି ତାହେଲେ ଆଗାମୀ ପିଢ଼ିଟି ଯେ ଆମ ଭାଷାକୁ ସଂପୂର୍ଣ୍ଣ ପାଶୋରି ନ ପକାଇବାର ସମ୍ଭାବନାକୁ ପ୍ରାୟ ସମସ୍ତେ ଦେଖିପାରୁଥିବେ । ଆମ ଭାଷାର ଆଧୁନିକତାର ସ୍ଥିତି ନିର୍ଦ୍ଧାରଣ କରିବା ଓ ଚଳିତ କାମମାନଙ୍କ ବିଷୟରେ ଜାଣି ଆଗାମୀ ଦିନମାନଙ୍କପାଇଁ ଯୋଜନାର ରୂପରେଖ ତିଆରିବା ବୋଧେ ଏ ବେଳର ପ୍ରଥମ କାମ । ଓଡିଆ କମ୍ପୁଟରରେ ବ୍ୟବହାର ଉପଯୋଗୀ ହେଲା ଟିକେ ବିଳମ୍ବରେ, ଏକବିଂଶ ଶତାବ୍ଦୀର କିଛି ବର୍ଷ ଆଗରୁ । ବାକି ଭାରତୀୟ ଭାଷା ସେତେବେଳକୁ କମ୍ପୁଟରରେ ଦେଖିବାକୁ ମିଳିଲାଣି । ପ୍ରାରମ୍ଭିକ କାମ ଥିଲା ଓଡିଆରେ କମ୍ପୁଟରରେ ଟାଇପ କରି ଲେଖିବା ଓ ଆଗର ବ୍ଲକ ଟାଇପିଙ୍ଗ ବଦଳରେ ସହଜରେ ଡିଟିପି କରି ଅଳ୍ପ ସମୟରେ ଛପାଇବା । ସେ ବେଳରେ ସେ ଥିଲା ଗୋଟେ ସଫଳତା । ତିଆରି ହୋଇଥିଲା ନାନାଦି ଫଣ୍ଟ । ଫଣ୍ଟ ହେଉଛି କମ୍ପୁଟରରେ ଏକ ଲିପିର ଅକ୍ଷର ସଜାଣି । ଆଉ ସବୁ ଫଣ୍ଟ ଦେଖିବାକୁ ଅଲଗାଅଲଗା । ତେବେ ଆରମ୍ଭରେ ତିଆରି ହୋଇଥିବା ଫଣ୍ଟସବୁ ତିଆରି ହୋଇଥିଲା ଏକା ଢ଼ାଞ୍ଚାରେ ଇଂରାଜୀ ବା ଲାଟିନ ପରିବାରରେ ଅକ୍ଷରସବୁର ବଦଳରେ ଓଡିଆ ଅକ୍ଷର ଖଞ୍ଜାଯାଇଥିଲା । ଯାହା ଫଳରେ କିବୋର୍ଡରେ ଇଂରାଜୀ ଅକ୍ଷରଟିଏ ଟାଇପ କଲେ ଆସୁଥିଲା ଓଡିଆ ଅକ୍ଷର । ତେବେ ଏକାଧିକ ଫଣ୍ଟ ନିର୍ମାତା ଭିନ୍ନଭିନ୍ନ ମାନକ ତିଆରି କରିବା ଫଳରେ ଅନେକ ଗୁଡିଏ ମାନକ ଫଣ୍ଟ – ଯେଉଁମାନଙ୍କର ନିଜନିଜ ଭିତରେ ତାଳମେଳ ନ ଥିଲା – ତିଆରି ହେବାରେ ଲାଗିଲା । ତେଣୁ ଅମୁକ ଫଣ୍ଟରେ ଲେଖା ଆକୃତି ନାମକ ସଫ୍ଟଓଏରଟିଏ ବ୍ୟବହାର କରୁଥିବାରୁ ଅଲଗା କମ୍ପୁଟରରେ ଟାଇପ ହୋଇଥିବା ପାଠ ଭିତରେ ଗୋଟେ ପ୍ରକାର ସମାନତା ଥିଲା । ତେବେ ଏସବୁ ଫଣ୍ଟରେ ଲେଖା ପାଠକୁ ନାଁ ଇମେଲରେ କାହାକୁ ପଠାଇହେଉଥିଲା, ନା ଓ୍ୱେବସାଇଟରେ ବ୍ୟବହାର କରିହେଉଥିଲା, ନାଁ ଗୁଗଲରେ ଖୋଜି ହେଉଥିଲା । ଏହି ସବୁ ଅସୁବିଧାକୁ ସୁଧାରିବାପାଇଁ ଇଉନିକୋଡ ଫଣ୍ଟ ଆରମ୍ଭ କରାଗଲା । ଏହା ଥିଲା ଅଣ-ଲାଟିନ ଲିପିମାନଙ୍କପାଇଁ ଏକ ବରଦାନ । ଏଥିରେ ସବୁ ଲାଟିନ/ ଇଂରାଜୀ ଅକ୍ଷର ସହିତ ସବୁ ଓଡିଆ ଅକ୍ଷର ମଧ୍ୟ ରହୁଥିଲା । ଆଉ ଏ ଥିଲା ଏକ ବିଶ୍ୱସ୍ତରୀୟ ମାନକ । ଅର୍ଥାତ କେବଳ ଦୁଇଟି ଓଡିଆ ଫଣ୍ଟ ଭିତରେ ସମାନତା ନୁହେଁ, ଓଡିଆ ଗୁଜୁରାଟୀ ଭିତରେ ମଧ୍ୟ ସମାନତା ରହିଲା । ତେବେ ଆମର ପ୍ରକାଶନ ସଂସ୍ଥାମାନ ଏହାକୁ ବ୍ୟବହାର କରିବାପାଇଁ ମଙ୍ଗିଲେ ନାହିଁ । କାରଣ ଥିଲା ସେମାନେ ବ୍ୟବହାର କରୁଥିବା ଡିଟିପି ସଫ୍ଟଓଏର (ଆଡୋବ ପେଜମେକର, କ୍ୱାର୍କ ଏକ୍ସପ୍ରେସ ଆଦି)ରେ ଓଡିଆ ଇଉନିକୋର୍ଡର ଯୁକ୍ତାକ୍ଷର ଆଦି ଠିକରେ କାମ କରୁ ନ ଥିଲା । ଏଣୁ ଲକ୍ଷଲକ୍ଷ ପୃଷ୍ଠା ବହିର ମଲାଟ ତଳୁ ବାହାରି କମ୍ପୁଟର ଓ ଇଣ୍ଟରନେଟର ପାଠକମାନଙ୍କ ପଢ଼ାହେବାରୁ ବଂଚିତ ହେଲା । ଏହାର ଗୋଟେ ବାଟ ଥିଲା ଡିଟିପି ବ୍ୟବହୃତ ଫଣ୍ଟକୁ ଓଡିଆ ଇଉନିକୋଡରେ ରୂପାନ୍ତର କରି ଇଣ୍ଟରନେଟରେ ଉପଲବ୍ଧ କରାଇବା । ବିଡମ୍ବନା ଏହିକି ଯେ, ଆମ ଖବରକାଗଜମାନେ ତା ନ କରି ଆପଣେଇଲେ ଲେଖାକୁ ଛବି କରି ନିଜ ଓ୍ୱେବସାଇଟରେ,

ଆଉ ଥୋକେ ଡାଇନାମିକ ଫଣ୍ଟ ନାମକ ଆଉ ଏକ ପନ୍ଥା ଧରିଲେ। ଛବି ହେଲେ ଲେଖା ସବୁ ଯେ ଖୋଜିହେବ ନାହିଁ କିମ୍ବା ଆଉ କେଉଁ କାମରେ ବ୍ୟବହାର କରିହେବ ନାହିଁ ତାହା କହିବା ବାହୁଲ୍ୟ। ଡାଇନାମିକ ଫଣ୍ଟରେ ମୂଳ ସର୍ଭରରୁ ଫେଣ୍ଟିଏ ଲୋଡ ହୋଇଥାଏ, ଯାହା ଫଳରେ ପାଠକର କମ୍ପୁଟରରେ ସେ ଫଣ୍ଟଯି ନ ଥିଲେ ମଧ ସେ ପଢ଼ିପାରେ। କିନ୍ତୁ ନାଁ ସେ ଲେଖାକୁ କମି କରି କାମରେ ଲଗାଇପାରିବେ ନାହିଁ। ଯଦି ପାଠକଯିଏ ନିଜ ମୋବାଇଲ କି କମ୍ପୁଟରରେ ଅବାଧରେ ନିଜ ଭାଷା ପଢ଼ିନପାରୁଛି ତାହେଲେ ସେ କେମିତି ଯେ ଭାଷାକୁ ଜାବୁଡି ଧରିବ ତାହା ଆଲୋଚନାର ବିଷୟ। ପାଠ ପଢ଼ିଲେ ପାଠକମାନଙ୍କୁ ଅଧିକ ପଠନର ସୁଯୋଗ ମିଳିବ, ବିକଳ୍ପ ମିଳିବ ବାଛିବାପାଇଁ ନିଜ ପସନ୍ଦର ବହିଟିଏ। ଆଉ ତା ଯଦି ହୁଏ ସୁବିଧାରେ ବ୍ୟବହାର କରିହେଉଥିବା ଭଳି ସାଧନରେ ତାହେଲେ ଇଂରାଜୀ ମାଧ୍ୟମରେ ପଢୁଥିବା ଓଡିଆ ଘରର ପିଲାଟି ବି ଓଡିଆରେ ପଢ଼ିବାକୁ ଆଗଭର ହେବ।

ଉପର ବର୍ଣ୍ଣିତ ଅସୁବିଧା- ଅଣ-ଇଉନିକୋଡରୁ ଇଉନିକୋଡକୁ ଫଣ୍ଟ ରୂପାନ୍ତର କରିବାରେ ସାଧନଟି ପ୍ରଥମେ ୨୦୧୧ ରେ ସୃଜନିକା ଅନୁଷ୍ଠାନଦ୍ୱାରା ଲୋକମାନଙ୍କପାଇଁ ଖୋଲାରେ ବିତରଣ କରାଯାଇଥିଲା। ରେବତୀ ନାମକ କନଭର୍ଟର ଦେଇ। ତେବେ ସେ ସଫ୍ଟଓଏରଟି ମଧ ରକ୍ଷଣାବେକ୍ଷଣା ଅଭାବରୁ ପୁରୁଣା ହୋଇଗଲା ଆଉ ନିକଟ ଅତୀତରେ ଆଉ କିଛି ବନ୍ଧୁଙ୍କ ସହ ମିଶି ଲେଖକ ଏକାଧିକ ଆକୃତି ସାରଳା ଫଣ୍ଟ ତଥା ଶ୍ରୀଲିପି ନାମକ ଆଉ ଏକ ଫଣ୍ଟରୁ ଇଉନିକୋଡ ରୂପାନ୍ତରପାଇଁ କନଭର୍ଟର ତିଆରି କରିଛନ୍ତି। ଆକୃତି ସାରଳା କନର୍ଭଟରଟି http://bitly.com/akrutiodia ରେ ଓ ଶ୍ରୀଲିପି କନଭର୍ଟରଟି http://bitly.com/shreelipi ୱେବସାଇଟରେ ଉଭୟ ଅନଲାଇନ ଓ ଅଫଲାଇନରେ ବ୍ୟବହାରପାଇଁ ସଂପୂର୍ଣ୍ଣ ମାଗଣାରେ ଉପଲବ୍ଧ। ଇଣ୍ଟରନେଟରର ଭାଷା ହେଲା ଇଉନିକୋଡ, ତାକୁ ଆଦରିଲେ ଆମ ଭାଷାର ସ୍ଥିତସ ଯେ ନାହିଁରୁ କାହିଁ ହେବ ତାହା କହିବା ଏ ବିବରଣ ଅତିରଂଜନ ମାତ୍ର ହେବ।

ଏ ତ ଗଲା ଫଣ୍ଟ-ଜନିତ ଅସୁବିଧା କଥା। ଏବେ ଆମର ବହିସବୁରେ କି କି ପ୍ରତିବନ୍ଧକ ରହିଛି ତାହା ବିଚାରିବା। ଓଡିଆ ଭାଷାରେ ଏଯାବତ ଲକ୍ଷାଧିକ ବହି ଲେଖାଯାଇଥିବ। ସେସବୁ ଭିତରୁ କେତେ ଯେ ଉପାଦେୟ ବହି ଅଛି ଆଉ ଅଚିରେ ଏସବୁ ପାଇବାର ବାଟ ଯେ ଅମଡା ଏକଥାରେ ବୋଧେ ପାଠକେ ଏକମତ ହେବେ। ଆମ ବହିସବୁ ଯଦି ଡିଜିଟାଏ ଲାଇବ୍ରେରି ମାଧ୍ୟମରେ ଖୋଲାରେ ଉପଲବ୍ଧ କରାଇବାର ସୁବିଧା ବାଟଟିଏ ହେଲା ସେ ସବୁକୁ ଲେଖା ବା ଟେକ୍ସଟ ରୂପରେ ରଖିବା। ଲେଖାକୁ ଇଣ୍ଟରନେଟ ଯୋଗେ ଖୋଜିହେବ, ପୁନର୍ବ୍ୟବହାର କରିହେବ ଆଉ ବିତରଣ ମଧ କରିହେବ। ଆଉ ଏକ ବାଟ ହେଲା ବହିକୁ ସ୍କାନ କରି ପିଡିଏଫ ରୂପରେ ଉପଲବ୍ଧ କରିହେବ। ପିଡିଏଫ୍ ବହିସବୁ ପଢ଼ିହେଉଥିଲେ ହେଁ ଖୋଜିବା ଆଉ ପୁନର୍ବାବହାର କରିବା ପାଖାପାଖି ଅସମ୍ଭବ। ତେବେ ଡିଟିପି ହୋଇଥିବା ବହିକୁ ଫଣ୍ଟ କନଭର୍ଟର ସାହାଯ୍ୟରେ ଇଉନିକୋଡରେ ରୂପାନ୍ତର କରିହେବ ଯାହା ବହିକୁ ସ୍କାନ କରି ପିଡିଏଫ ତିଆରିଲେ ହୋଇପାରିବ ନାହିଁ । ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ରାଉରକେଲାର ମିଳିତ ସହଯୋଗରେ ୧୯୫୦ ମସିହା ଯାଏ ଛପା ହୋଇଥିବା ୭୪୦ ଖଣ୍ଡ ଉପାଦେୟ ଓଡିଆ ବହିକୁ ସୃଜନିକା ଅନୁଷ୍ଠାନ ତରଫରୁ ସ୍କାନ କରାଯାଇଛି। ଏଥି ମଧ୍ୟରୁ ୨୪୦ ଖଣ୍ଡ ବହି oaob.nitrkl.ac.in ରେ ଡାଉନଲୋଡପାଇଁ ଉପଲବ୍ଧ। ତେବେ ବହିସବୁ ପ୍ରକାଶକଙ୍କ ଅନୁମତି ବିନା ଇଣ୍ଟରନେଟରେ ରଖିବା କପିରାଇଟ ଆଇନର ଉଲ୍ଲଘନ। ନିକଟରେ ଓଡିଆ ଉଇକିପିଡିଆ ତରଫରୁ ଆୟୋଜିତ "ଓଡିଶା ଦିବସ ୨୦୧୪" ଅବସରରେ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଭାଷା ଗବେଷକ ଡଃ ସୁବ୍ରତ କୁମାର ପୃଷ୍ଟିଙ୍କ ରଚିତ ଓଡିଆ ଭାଷାର ଗବେଷଣା ତଥ୍ୟ ସମ୍ବଳିତ ଏକ ଇଂରାଜୀ ବହି Classical Odia ଓ ଡଃ ପୃଷ୍ଟିଙ୍କ ଦୁଇଟି ଓଡିଆ ବହି "ଭାଷା ଓ ଜାତୀୟତା" ଏବଂ "ଜାତି, ଜାଗୃତି ଓ ପ୍ରଗତି"କୁ CC-BY-SA 3.0 ଲାଇସେନ୍ସରେ ପୁନ-ଲାଇସେନ୍ସ କରିବାର ଅନୁମତି ଦେଲେ। ଏହି ଲାଇସେନ୍ସ ଜଣେ ପାଠକକୁ କେବଳ ବହିଟି ପଢ଼ିବାର ସୁଯୋଗ ଦେଇ ନ ଥାଏ, ବରଂ ବହି ସ୍ରଷ୍ଟାଙ୍କୁ ଶ୍ରେୟ ଦେଇ ବହିର ଲେଖାକୁ ପୁନ-ବ୍ୟବହାର ଓ ବିତରଣ କରିପାରେ। ଏହା ଏକ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ। ଯଦି ଆମ ଲେଖ ଓ ପ୍ରକାଶକମାନେ ଏମିତି ଅନୁମତି ଦିଅନ୍ତେ ତେବେ ଅନେକ ଉପାଦେୟ ବହି ଇଣ୍ଟରନେଟରେ ଉପଲବ୍ଧ ହୋଇ ପାଠକର ପଠନ ଭୋଗ ମେଣ୍ଟାନ୍ତା। ଡଃ ପୃଷ୍ଟିଙ୍କ ବହି ଦୁଇଟିର ଲେଖାର ଫଣ୍ଟ ରୂପାନ୍ତରିତ ହୋଇ ଏବେ ତାହା ଓଡିଆ ଉଇକିପାଠାଗାରରେ ଉପଲବ୍ଧ ହେବ। ଉଇକିପାଠାଗାର ଇଣ୍ଟରନେଟରେ wikisource.org/wiki/Main_page/Odia ଠାରେ ଉପଲବ୍ଧ ଏକ ଡିଜିଟାଲ ଲାଇବ୍ରେରି ଯେଉଁଥିରେ କପିରାଇଟର ଜଞ୍ଜାଳରୁ ମୁକ୍ତ ବହିମାନ ପାଠକମାନଙ୍କପାଇଁ ଖୋଲାରେ ଉପଲବ୍ଧ। ଉଇକି ପାଠାଗାରରେ ଆମ ଭାଗବତ, ମହାଭାରତଠାରୁ ଆରମ୍ଭ କରି ବିଜ୍ଞାନ ଓ ଆଇନର ବହିସବୁ ରଖାଯାଇପାରିବ। ବହୁ ବର୍ଷ ଧରି ଛପା ହୋଇ ନ ଥିବା ଅନେକ ଉପାଦେୟ ବହି ଯେ କେବଳ ପାଠକମାନଙ୍କ ଅବାଧ ପଠନର ଦିଗନ୍ତଟିଏ ବିସ୍ତାରିବ ତା ନୁହେଁ, ବରଂ ଆମ ଭାଷାର ଅଧିକ ପାଠ ଇଣ୍ଟରନେଟରେ ଉପଲବ୍ଧ କରାଇ ଓଡିଆକୁ ଆଉ ପାଞ୍ଚ ବିଶ୍ୱସ୍ତରୀୟ ଭାଷା ସଂଗେ କାନ୍ଧ ମିଳାଇ ଛିଡାହେବାକୁ ଭରସା ଦେବ।

ଖାଲି ବହି ନୁହେଁ ଆମ ଖବରକାଗଜମାନ ମଧ ହେଲ ଚଳନ୍ତି ଇତିହାସର ରଥଚକ। ବହି, ପତ୍ରିକା ଆଉ ଖବରକାଗଜରୁ ତଥ୍ୟ ନେଇ ଭରିହେବ ଆମ ଭାଷାର ଉଇକିପିଡଆକୁ। ଓଡିଆ ଉଇକିପିଡଆ ଏକ ଆନ୍ତର୍ଜାତିକ ସଂଗଠନ ଉଇକିମିଡିଆର ଅଂଶବିଶେଷ। ଅନେକ ଇଂରାଜୀ ଉଇକିପିଡଆରୁ ନିତି କେତେ ବିଷୟ ପଢୁଥିବା, ହେଲେ ଥରେ ବୋଧେ ଭାବି ନଥିବେ ଓଡିଆରେ ଉଇକିପିଡିଆ ଥିବା ବାବଦରେ। ୨୦୦୨ ରୁ ଆରମ୍ଭ ହୋଇ ୨୦୧୧ ଯାଏ ସୁପ୍ତିରେ ଥିଲା ଏହି ଅନଲାଇ ଜ୍ଞାନକୋଷ। ତେବେ ବେଙ୍ଗାଲୁରୁଠାରେ କେତେଜଣ ଓଡିଆଙ୍କ

ଉଦ୍ୟମରେ ପୁଣି ତେଜିଲା ଆଉ କିଛି ଉତ୍ସାହୀ ଓଡ଼ିଆ, ଓଡ଼ିଶା ଓ ଭାରତର କୋଣ-ସନୁକୋଣରୁ ଏଥିରେ ଭାଗ ନେବା ଆରମ୍ଭ କଲେ। ମାତ୍ର ୧୫ ଜଣ ସ୍ୱେଚ୍ଛାସେବୀ ଉଇକିଆଳି (ଉଇକିପିଡ଼ିଆର ସଂପାଦକ)ଙ୍କ ସଂପାଦିତ ୮,୦୦୦ ରୁ ଅଧିକ ପ୍ରସଙ୍ଗରେ ଭରା ଓଡ଼ିଆ ଉଇକିପିଡ଼ିଆ ଓଡ଼ିଆ ଭାଷାର ବିଶାଳତମ ଇନଲାଇନ ଜ୍ଞାନକୋଷ। ଜ୍ଞାନକୋଷଭିତ୍ତିକ ଲେଖା ବୋଧେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓ ବିନୋଦ କାନୁନଗୋଙ୍କ ଜ୍ଞାନମଣ୍ଡଳ ପରେ ଆଉ ସାମୁହିକ ଭାବେ ଲେଖାହୋଇ ନ ଥିବ। or. wikipedia.org ରେ ଉପଲବ୍ଧ ଓଡ଼ିଆ ଉଇକିପିଡ଼ଆରେ ସମସ୍ତେ ଭାଗନେଇ ନୂଆ ପ୍ରସଙ୍ଗ ଗଢ଼ିପାରିବେଓ ଆଗରୁ ଥିବା ପ୍ରସଙ୍ଗର ସଂପାଦନା କରିପାରିବେ। ଅନେକେ ଯେ ଗୁଗଲ ଆଉ ଫେସବୁକରେ ଓଡ଼ିଆ ଆସୁନାହିଁ ବୋଲି ଗୁମାନ କରିବସନ୍ତି ତାକୁ ଆଣିବାର ଗୋଷଷ ବାଟ ହେଲା ଉଇକିପିଡ଼ଆରେ ନିଜ ଅଂଚଳ, ପର୍ଯ୍ୟଟନ ସ୍ଥଳ, ନିଜ ପସନ୍ଦରେ ବ୍ୟକ୍ତିତ୍ୱ, ଆମର ଇତିହାସ ଓ ଆହୁରି ଅନେକ ବିଷୟରେ ପ୍ରସଙ୍ଗମାନ ଲେଖିବା।

## ଭବିଷ୍ୟତପାଇଁ ପନ୍ଥା:

**ଓଡ଼ିଆ ବହିର ଡିଜିଟାଲ ରୂପ:** ଉଇକିପାଠାଗାରରେ ଅଚିରେ ଓଡ଼ିଆ ବହି ସବୁକୁ ଡିଜିଟାଲ ରୂପରେ ଲେଖା ଭାବେ ରଖାଯାଇପାରିବ। ତେବେ ବହି ସବୁର ଲାଇସେନ୍‌ସକୁ କ୍ରିଏଟିଭ୍ କମନ୍‌ସ୍ ସେୟାର - ଆଲିକ୍ କିମ୍ବା ପବ୍ଲିକ୍ ଡୋମେନରେ ପ୍ରକାଶକ କିମ୍ବା ସତ୍ୱାଧିକାରୀଙ୍କ ଅନୁମତି କ୍ରମେ ବଦଳାଇବାକୁ ପଡ଼ିବ।

**ଓଡ଼ିଆରେ ଅଧିକ ଇଉନିକୋଡ କଣ୍ଟେଣ୍ଟ ତିଆରି:** ଓଡ଼ିଆ ଉଇକିପିଡ଼ିଆ ଏଥିପାଇଁ ଏକ ପ୍ରକୃଷ୍ଟ ସ୍ଥାନ । ଏହା ସମସ୍ତଙ୍କ ପାଇଁ ଖୋଲାଥିବାରୁ ଅଧିକ ସଂଖ୍ୟକ ଲୋକ ମଧ୍ୟ ଏଥିରେ ଲେଖିପାରିବେ। ଏଥିସହିତ ଖବରକାଗଜ, ପତ୍ରପତ୍ରିକା ଆଦି ମଧ୍ୟ ନିଜର ୱେବସାଇଟରେ ଇଉନିକୋଡରେ ଲେଖାସବୁ ଦେବାକୁ ପଡ଼ିବ।

**ଓପନସୋର୍ସ ସାଧନର ବ୍ୟବହାର:** ଅନେକ ଓପନସୋର୍ସ ସଫ୍ଟଓଏର ଏବେ ବ୍ୟବହୃତ ଆଡୋବ ପେଜମେକର ଆଦି ଡିଟିପିପାଇଁ ଇଉନିକୋଡ ଫଣ୍ଟ ବ୍ୟବହାର କଲେ ଏବେ ଲେଖା ବିତରଣରେ ଯେଉଁ ବିରାଟ ଖମାଟିଏ ରହିଛି ତାହା କିଛିକାଠରେ ଭରିଯିବ। ସୁଖର କଥା ମାଗଣାରେ ଉପଲବ୍ଧ ଉବଣ୍ଟୁ ଓ ଫେଡୋରା ଭଳି ଓପନସୋର୍ସ ଅପରେଟିଙ୍ଗ ସିଷ୍ଟମ ମାଇକ୍ରୋସଫ୍ଟର ଉଇଣ୍ଡୋଜ ଏକ୍ସପି, ଭିସ୍ତା ଆଦିଠୁ ଯଥେଷ୍ଟ ଅଧିକ ନିରାପଦ ଓ ଭାଇରସ ରହିତ। ବ୍ୟବହାରୀରେ ଏହାକୁ ଆପଣେଇପାରିବେ।

**ଓଡ଼ିଆକୁ ବାଧ୍ୟତାମୂଳକ ଭାବେ ପାଠ୍ୟକ୍ରମରେ ରଖିବା:** ଶିଶୁର ଭାଷା ତା ବୋଉର ଭାଷା ହେବା ଉଚିତ୍, ସେଥିପାଇଁ ଏହା ମା' ବୋଲି ମା ମା' ତୁଣ୍ଡର ଭାଷା ବୋଲି ଜଣା। ତଣ୍ଟିଚିପି ପିଲାଟିକୁ ଜନ୍ମ ହେବା ବେଳୁ ଚାକିରି ପାଇଁ ଯୋଗ୍ୟ କରିବାରେ ଯେଉଁ ବୃଥା ପରିଶ୍ରମ ଅଭିଭାବକେ କରୁଛନ୍ତି ତା ପିଲାଟି ଉପରେ ଜୋର-ଜବରଦସ୍ତି ଏକ ବିଦେଶୀ ଭାଷା ଲଦି ଦେଉଛି। ଏହା ପ୍ରଭାବରେ ପିଲାର ମାନସିକ ସ୍ଖଳନ ବିଗିଡ଼ ନିଜ ଜାତି, ଅଂଚଳ, ରାଜ୍ୟ, ଲୋକେ ଆଉ ଏପରିକି ନିଜ ପରିବାର ପ୍ରତି ଛୁଆବେଳୁ ଏକ ପ୍ରକାର ମମତା-ରହିତ ହୋଇଯାଉଛି। ଓଡ଼ିଆ ଶିକ୍ଷା ଶିଶୁ ଶ୍ରେଣୀରୁ ନେଇ ବିଏ-ବିଏସସି ଯାଏ ବାଧ୍ୟତାମୂଳକ ହେଉ। ଓଡ଼ିଶାରେ ବାକି ରାଜ୍ୟ ଭଳି ଏକ ଗବେଷଣାମୂଳକ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ। ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବିଶ୍ଳେଷଣ ଲୋଡ଼ା ।

**ଓଡ଼ିଆ ହେଉ ସରକାରୀ ଭାଷା :** ଯେତେ ଯାହା ହେଉ ଯଦି ଭାଷାଟିଏ ରାଜଭାଷା ବା ସରକାରୀ କାମରେ ନ ଲାଗିଲା ତାହେଲେ ଭାଷା ପ୍ରତି ଯେତେ ମମତା ଥାଉ, ସାଧାରଣ ଲୋକଟିଏ ବ୍ୟାଙ୍କରୁ ଋଣ ଆଣିବା ବେଳେ କଷ୍ଟେମଷ୍ଟେ ଇଂରାଜୀରେ ଲେଖିବ। ଓଡ଼ିଆ ସରକାରୀ ସ୍ତରରେ ବାଧ୍ୟତାମୂଳକ ହେଲେ ବାହାରୁ ଆସୁଥିବା ଆଇଏଏସ୍ ଅଫିସର ଯେଉଁମାନେ ସରକାରୀ କଳର ମୁଖ୍ୟ, ମଧ୍ୟ ଓଡ଼ିଆ ଶିଖିବେ ଓ ଲୋକଙ୍କର ଅସୁବିଧା ବେଶି ବୁଝିବେ। ମଣିଷର ପ୍ରାକୃତିକ ଭାଷା ଯଦି ପଠନ, ଲିଖନ, ସରବରାହ ଓ ଯୋଗାଯୋଗର ଭାଷା ହେଲା ସେ ଭାଷାର ଗତିକୁ ଯେ କେହି ରୋକିପାରିବେ ନାହିଁ ତାହା ଆମପାଇଁ ମାଣ୍ଡାରିନ, ଜାପାନୀ, ଥାଇ ଆଦି ଏସୀୟ ଭାଷାମାନଙ୍କଠୁ ଆରମ୍ଭ କରି ଫରାସୀ, ଜର୍ମାନ, ଋଷିଆନ, ଆରବୀ ଆଦି ଛାମୁଆଁ ଭାଷାସମୂହ ଆମ ଆଗରେ ପ୍ରମାଣ କରିଦେଇଛନ୍ତି। ଆଇ ଇଂରାଜୀକୁ ଆମର ଶତ୍ରୁ ନ ମଣି ତା କାନ୍ଧରେ ଚଢ଼ି ଆମ୍ଭ ପାରିବା କୌଶଳଟି ଏ ସାଧବର ଦାୟାଦ ଜାତିକୁ ଶିଖିବାକୁ ପଡ଼ିବ।



## ଲେଖକ ପରିଚିତି

ଶୁଭାଶିଷ ପାଣିଗ୍ରାହୀ ଜଣେ ଶିକ୍ଷା ଗବେଷକ। ସେ ଉଇକିମିଡ଼ିଆ ଫାଉଣ୍ଡେସନରୁ ଅନୁଦାନପ୍ରାପ୍ତ ସେଣ୍ଟର ଫର ଇଣ୍ଟରନେଟ ଏଣ୍ଡ ସୋସାଇଟିର ଆକସେସ ଟୁ ନଲେଜରେ ପ୍ରୋଗାମ ଅଧିକାରୀ ଭାବେ କଂପୁଟରରେ ଭାରତୀୟ ଭାଷାଶିକ୍ଷା ସମ୍ବନ୍ଧରେ କାମ କରୁଛନ୍ତି। ଉଇକିପିଡ଼ିଆ ଓ ମୋଜିଲା ତଥା ଓଡ଼ିଆ ଭାଷାରେ ଇଣ୍ଟରନେଟରରେ ଲୋକାଲାଇଜେସନର ମାନକ, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଛାତ୍ରମାନଙ୍କପାଇଁ ଉଇକିପିଡ଼ିଆ ସଂପାଦନା ପ୍ରକଳ୍ପ, ବିଶ୍ୱସ୍ତରରେ OpenGLAM ସଦସ୍ୟ ଭାରତୀୟ ଆମ୍ବାସାଡର ଭାବରେ ଓ OpenEducation ପ୍ରକଳ୍ପ ମାଧ୍ୟମରେ ଅଧିକ ଜ୍ଞାନର ବିତରଣର ସାଧନ ନିର୍ମାଣ, ଉଇକିପିଡ଼ିଆ ଭଳି ଆନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେଇ ଏସୀୟ ଭାଷାସମୂହପାଇଁ ମିଳିତ କାର୍ଯ୍ୟକ୍ରମ ତଥା ନାଗରିକ ସାମ୍ବାଦିକ ସଂଗଠନ global Voices ର ଓଡ଼ିଆ ଲିଙ୍ଗୁଆ ମୁଖ୍ୟ ଭାବେ ସେ ଭାଷା ଗବେଷଣା ଓ ଭାଷାର କମ୍ପୁଟରୀକରଣ ବିଭିନ୍ନ ସାଧନ ନିର୍ମାଣରେ ସେ ସକ୍ରିୟ ।

subhashish@cis-india.org,



***